# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 March - 2026

************************************

## ମୁଖ୍ୟ ସମ୍ବାଦ

- କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ସୋମବାର ପର୍ଯ୍ୟନ୍ତ ମୁଲତବୀ
- ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କଲେ ରାଜ୍ୟ ସରକାର; ଆସନ୍ତା ମାସ ପହିଲାରୁ ହେବ ଲାଗୁ
- ବାଚସ୍ପତି, ଉପବାଚସ୍ପତି ଓ ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ୍ ସଂକ୍ରାନ୍ତ ଚାରୋଟି ବିଲ୍‌କୁ ପ୍ରତ୍ୟାହାର ନେଇ ସରକାରଙ୍କ ପ୍ରକ୍ରିୟା ଆରମ୍ଭ

ଏବଂ

- ଅଶୋକାଷ୍ଟମୀ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

Assembly

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ମଧ୍ୟ କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ି ବିରୋଧୀ ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ଭାଗ ନେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପ୍ରଶ୍ନକାଳ ମାତ୍ର ୮ ମିନିଟ୍ ଚାଲିପାରିଥିଲା। ପରିସ୍ଥିତିରେ ସୁଧାର ଆଣିବା ପାଇଁ ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ୍ ଯାଏଁ ମୁଲତବୀ ରଖିଥିଲେ। ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ମାତ୍ରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ଶୂନ୍ୟକାଳ କାର୍ଯ୍ୟକ୍ରମ ଜାରି ରହିଥିଲା।

BBSR/R

## ବିଧାନସଭା– ଗିଲୋଟିନ୍

ବିଧାନସଭାରେ ଆସନ୍ତା ସୋମବାର ଦିନ ଦୁଇଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଗିଲୋଟିନ୍ ଦ୍ୱାରା ପାରିତ ହେବ ବୋଲି ବାଚସ୍ପତି ସୁରମା ପାଢ଼ି ଘୋଷଣା କରିଛନ୍ତି। ଏହି ବିଭାଗ ଦୁଇଟି ହେଉଛି ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ। ଗୃହରେ ଆଜି ଏହି ଦୁଇଟି ବିଭାଗର ଖର୍ଚ୍ଚ ଦାବି ଗିଲୋଟିନ୍ ମାଧ୍ୟମରେ ପାରିତ କରିବା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ସଂସଦୀୟ ବ୍ୟାପାର

ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ତେବେ ଅଶୋକାଷ୍ଟମୀ ଅବସରରେ ବାଚସ୍ପତି ଦୁଇଟିଯାକ ଖର୍ଚ୍ଚ ଦାବି ଉପରେ ସୋମବାର ଦିନ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଘୋଷଣା କରି ଗୃହକୁ ଆସନ୍ତା ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

Desk

## ବିଧାନସଭା- ଅବକାରୀ ନୀତି

ରାଜ୍ୟ ସରକାର ଆସନ୍ତା ମାସ ପହିଲାରୁ ୨୦୨୯ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରିଛନ୍ତି। ଅବକାରୀ ନୀତିରେ ସ୍ଥିରତା ଓ ସ୍ୱଚ୍ଛତା ଆଣିବାକୁ ସରକାର ଉଦ୍ୟମ କରୁଛନ୍ତି। ଅବକାରୀ ଶୁଳ୍କ ଉପରେ ଶୂନ ଦଶମିକ ୫ ପ୍ରତିଶତ ନିଶା ନିବାରଣ ସେସ୍ ପ୍ରବର୍ତ୍ତନ ହେବ। ସେସ୍‌ରୁ ଆସୁଥିବା ଆୟ ଆଦର୍ଶ ନିଶାନିବାରଣ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ିକରଣରେ ବ୍ୟୟ କରାଯିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

**- V/O -**

ସମସ୍ତ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନ' ସିସିଟିଭି ନିରୀକ୍ଷଣରେ ରହିବ। ଏଥିସହିତ ରାଜ୍ୟର ଅବକାରୀ ରାସାୟନିକ ପରୀକ୍ଷାଗାର ଗୁଡ଼ିକୁ ଆଧୁନିକ ପ୍ରଯୁକ୍ତି ଓ ପ୍ରଶିକ୍ଷିତ ମାନବ ସମ୍ବଳ ମାଧ୍ୟମରେ ସୁଦୃଢ଼ ଓ ଉନ୍ନତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

BBSR/R

# ବିଧାନସଭା– ଦରମା ଭତ୍ତା

ବିଧାୟକଙ୍କ ଦରମା ଭତ୍ତା ଏବଂ ପେନସନ୍ ସଂକ୍ରାନ୍ତ ୪ଟି ବିଲ୍‌କୁ ପ୍ରତ୍ୟାହାର କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏଥିପାଇଁ ବିଧାନସଭାର ଅନୁମୋଦନ ଲକ୍ଷ୍ୟରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସବୁ ବିଧାୟକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଏହି ବିଲ୍‌ଗୁଡ଼ିକ ହେଉଛି ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଭତ୍ତା ଓ ପେନସନ୍ ସଂଶୋଧନ ବିଲ୍-୨୦୨୫, ବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫ ଓ ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫, ବିଧାନସଭାର ଅନୁମତି ଆଧାରରେ ଏହି ବିଲ୍‌ଗୁଡ଼ିକ ଔପଚାରିକ ଭାବେ ପ୍ରତ୍ୟାହାର କରାଯିବ। ଆସନ୍ତା ସୋମବାର ଦିନ ଏଥିପାଇଁ ଗୃହରେ ବିଧିବଦ୍ଧ ଆଗତ ସମ୍ଭାବନା ରହିଛି।

BBSR/R

# ବିଧାନସଭା– ଦରମା ଭତ୍ତା

ବିଧାୟକଙ୍କ ଦରମା ଭତ୍ତା ଏବଂ ପେନସନ୍ ସଂକ୍ରାନ୍ତ ୪ଟି ବିଲ୍‌କୁ ପ୍ରତ୍ୟାହାର କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏଥିପାଇଁ ବିଧାନସଭାର

ଅନୁମୋଦନ ଲକ୍ଷ୍ୟରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସବୁ ବିଧାୟକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଏହି ବିଲ୍‌ଗୁଡ଼ିକ ହେଉଛି ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଭତ୍ତା ଓ ପେନସନ୍ ସଂଶୋଧନ ବିଲ୍-୨୦୨୫, ବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫ ଓ ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫, ବିଧାନସଭାର ଅନୁମତି ଆଧାରରେ ଏହି ବିଲ୍‌ଗୁଡ଼ିକ ଔପଚାରିକ ଭାବେ ପ୍ରତ୍ୟାହାର କରାଯିବ। ଆସନ୍ତା ସୋମବାର ଦିନ ଏଥିପାଇଁ ଗୃହରେ ବିଧିବଦ୍ଧ ଆଗତ ସମ୍ଭାବନା ରହିଛି।

BBSR/R

## ବିଧାନସଭା– ପ୍ରାକୃତିକ ବିପର୍ଯ୍ୟୟ

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଦୁଇ ବର୍ଷ ମଧ୍ୟରେ ମୋଟ ୪ ହଜାର ୯୫୩ ଜଣ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ପ୍ରକାଶ କରିଛନ୍ତି। ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି– ଏସ୍.ଡି.ଆର୍.ଏଫ୍'ରୁ ଅଂଶୁଘାତରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୫୦ ହଜାରଟଙ୍କା ଏବଂ ଅନ୍ୟ ସମସ୍ତ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ପରିବାରଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର ମାଧ୍ୟମରେ ପ୍ରଦାନ କରାଯାଇଛି। ବର୍ତ୍ତମାନ

ସୁଦ୍ଧା ମୋଟ ୪୬୭ ମୃତକଙ୍କ ପରିବାର ଏହି ସହାୟତା ରାଶି ପାଇବାକୁ ବିଚାରଧୀନ ଅଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି ।

BBSR/R

## ବିଧାନସଭା– ଲାଇସେନ୍ସ ରଦ୍ଦ

ରାଜ୍ୟରେ ପରିବହନ ଆଇନ ଉଲ୍ଲଙ୍ଘନ କରିଥିବା ୬୫ହଜାର ୬୪୯ ଜଣ ଗାଡ଼ିଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ବିଧାନସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଗତ ଦୁଇ ବର୍ଷରେ ବିଭିନ୍ନ ଗାଡ଼ିରୁ ୨୧୬ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଆଇଆଇଟି ମାଡ୍ରାସ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ସଂସ୍ଥାକୁ ସରକାର ବିଭିନ୍ନ ପର୍ଯ୍ୟାୟରେ ୪ କୋଟି ୫୨ ଲକ୍ଷ ୭୪ହଜାର ୬୯୭ ଟଙ୍କା ପ୍ରଦାନ କରିଛନ୍ତି । ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ସଡ଼କ ଦୁର୍ଘଟଣାରେ ଦୈନିକ ୧୭ ଜଣଙ୍କ ମୃତ୍ୟୁ ଓ ୩୦ ଜଣ ଆହତ ହେଉଥିଲେ । ୨୦୨୫ ମସିହାରେ ଦୈନିକ ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି ।

# ରୁକୁଣା ରଥଯାତ୍ରା

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆଜି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେଉଛି । ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସକାଳ ୧୦ଟା ୪୫ ମିନିଟ୍‌ରେ ପହଣ୍ଡି ଶେଷ ହୋଇଛି। ବର୍ତ୍ତମାନ ରଥଟଣା ପାଇଁ ପ୍ରସ୍ତୁତି ଚାଲିଛି।

ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା...

ଆଜି ପବିତ୍ର ଅଶୋକାଷ୍ଟମୀ। ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ରଥଦାଣ୍ଡରେ ଗଡ଼ିବ ଅଣଲେଉଟା ରୁକୁଣା ରଥ। ରଥରେ ଦର୍ଶନ ଦେବେ ମହାପ୍ରଭୁ ଶ୍ରୀଲିଙ୍ଗରାଜ। ଘଣ୍ଟଘଣ୍ଟା, ଖୋଳତାଳ, ହରିବୋଲ, ହୁଳହୁଳି ପାରମ୍ପରିକ ବାଦ୍ୟ ସାଙ୍ଗକୁ ଲୋକକଳା ଓ ଲୋକନୃତ୍ୟର ସମାହାରରେ ରଥଦାଣ୍ଡ ଉଠୁଛି ପଡୁଛି। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ରଥରେ ଦେଖିବା ପାଇଁ ଭକ୍ତ ଆନନ୍ଦାଶ୍ରୁରେ ଚାହିଁରହିଛି। ଡାହୁକ କୁହାଟ ସହିତ ରଥ ଆଗେଇ ଚାଲିବ। ଏହି ମହାର୍ଘ୍ୟ ମୁହୂର୍ତ୍ତ ବର୍ତ୍ତମାନ ଉପନୀତ ହୋଇଛି। ଶ୍ରୀ ଲିଙ୍ଗରାଜଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ସହିତ ବାସୁଦେବ ଏବଂ ରୁକ୍ମିଣୀଙ୍କୁ ରଥରେ ବସାଇ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରୁଥିବାରୁ ଏହାକୁ ରୁକୁଣା ରଥଯାତ୍ରା କୁହାଯାଇଥାଏ । ରଥର ବିଶେଷତ୍ୱ ହେଉଛି ଏହା ଅଣଲେଉଟା। ଯେଉଁଭଳି ଭାବେ ରଥ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ

ଯାଇଥାଏ ଠିକ୍ ସେହିଭଳି ପୁନର୍ବାର ପଛକୁ ଫେରିଥାଏ । ରଥର ପଛପଟେ ଦ୍ୱାର ଖୋଲାଯାଇ ଘୋଡ଼ା ଯଚା ଯିବାରେ ଏହାକୁ ପଛକୁ ପଛକୁ ଫେରିଥାଏ । ସେଥିପାଇଁ କୁହାଯାଏ ରୁକୁଣା ରଥ ଅଣଲେଉଟା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଅଶୋକାଷ୍ଟମୀ ତଥା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇ ମହାପ୍ରଭୁଙ୍କ ପାଖରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ଓ ମଙ୍ଗଳ କାମନା କରିଛନ୍ତି ।

ରଥଦାଣ୍ଡରେ ଭକ୍ତ ଓ ଭଗବାନଙ୍କର ମହାମିଳନ ଅପୂର୍ବ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Gajapati

## ଛାତ୍ରୀ ଆତ୍ମସୁରକ୍ଷା

ଗଜପତି ଜିଲ୍ଲା ମୋହନା ବ୍ଲକ ଚାନ୍ଦିପୁରସ୍ଥିତ ଇନ୍ଦିରା ମେମୋରିଆଲ ସ୍ନାତକ ମହାବିଦ୍ୟାଳୟରେ ସପ୍ତାହେବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ସୁରକ୍ଷା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଯୋଗଦେଇ

ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ବିଭିନ୍ନ ଦିଗରେ ଉପରେ ଆଲୋଚନା କରିଥିଲେ।

Gajapati

## ବନାଗ୍ନି

ସମ୍ଭାବ୍ୟ ବନାଗ୍ନୀକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳ ପୋଡ଼ାମାରି ବନବିଭାଗ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ବନାଗ୍ନିର କାରଣ ଏବଂ ପ୍ରତିକାର ନେଇ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ମତବିନିମୟ କରିଛନ୍ତି।

Nuapada

## ଚାଷୀ ଦଳ

ପିଆଜ ଚାଷ, ବଜାର ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ ଲକ୍ଷ୍ୟ ନେଇ ନୂଆପଡ଼ା ଜିଲ୍ଲାର ଏକ ଚାଷୀ ଦଳ ମହାରାଷ୍ଟ୍ରର ନାସିକକୁ ଗସ୍ତରେ ଯାଇଛନ୍ତି। ଜିଲ୍ଲାର ୮ଟି କୃଷି ଉତ୍ପାଦନ ସଂଗଠନର ୩୦ ଜଣ ସଦସ୍ୟ ଏଥିରେ ସାମିଲ ଅଛନ୍ତ। ନାସିକର ସାହିଦ୍ରୀ କୃଷି ଫାର୍ମକୁ ସେମାନେ ଗସ୍ତ କରିବା ସହ ସେଠାରେ ପିଆଜ ଚାଷ ଏବଂ ଏହାର ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ମତବିନିମୟ କରିବେ। ସପ୍ତାହବ୍ୟାପୀ ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଆସନ୍ତା ମାସ ପହିଲାରେ ଏହି ଚାଷୀ ଦଳ ନୂଆପଡ଼ା ପ୍ରତ୍ୟାବର୍ତ୍ତନ କରିବେ।

DHNKL

## ଜିଲ୍ଲାସ୍ତରୀୟ କର୍ମଶାଳା

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ତଥା ଅନ୍ୟାନ୍ୟ ବିଭାଗ ପକ୍ଷରୁ ଗ୍ରୀଷ୍ମ ପ୍ରବାହର ମୁକାବିଲା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସମୀକ୍ଷା ହୋଇଛି । ଗ୍ରୀଷ୍ମପ୍ରକୋପ ନେଇ ଜନସଚେତନତା ସୃଷ୍ଟି ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଛି ।

Desk

## ଖେଲୋ ଇଣ୍ଡିଆ

ଛତିଶଗଡ଼ରେ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଆଜି ଦ୍ୱିତୀୟ ଦିନ ମଧ୍ୟାହ୍ନ ସୁଦ୍ଧା ଓଡ଼ିଶା ୫ଟି ପଦକ ହାସଲ କରିଛି । ସେଥିମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଅନ୍ତର୍ଭୁକ୍ତ । ରାୟପୁରଠାରେ ଆଜି ସନ୍ତରଣ, ଭାରୋତ୍ତଳନ, ହକି ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପଦକ ତାଲିକାରେ ଏ ପର୍ଯ୍ୟନ୍ତ ୫ଟି ସ୍ୱର୍ଣ୍ଣ ଏବଂ ୭ଟି ରୌପ୍ୟ ପଦକ ସହ କର୍ଣ୍ଣାଟକ ଶୀର୍ଷ ସ୍ଥାନରେ ଥିବା ବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ପ୍ରଥମଥର ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ଗତକାଲିଠାରୁ ଆରମ୍ଭ ହୋଇଛି ଏବଂ

ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ । ଏଥିରେ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩ ହଜାର ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି ।

BHK

## କାଳବୈଶାଖୀ

କାଳବୈଶଖୀ ଜନିତ ଝଡ଼ବର୍ଷା ଯୋଗୁଁ ଗତକାଲି ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ୭ଟି ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଏବଂ ବଡ଼ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହିତ ଚାଳଛପର ତଥା କଚାଘର କ୍ଷତିଗ୍ରସ୍ତ ହୋଇଛ । ବହୁ ତୈଳବିଜ ଫସଲ ମଧ୍ୟ ଝଡ଼ବର୍ଷା ଯୋଗୁଁ ନଷ୍ଟ ହୋଇଥିବା ଜଣାପଡ଼ିଛି । କ୍ଷୟକ୍ଷତି ସମ୍ପର୍କୀୟ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

MET

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଯାଇଛି । ଭଦ୍ରକ ଜିଲ୍ଲା ଧାମନଗରରେ ସର୍ବାଧିକ ୮୩ ମିଲିମିଟର ବର୍ଷା ରେକର୍ଡ ହୋଇଛି ।